ଧରିତ୍ରୀ DHARITRI
ବୁଧବାର, ୪ ମେ ୨୦୨୨

## ରଥ ଅଖରେ ଲାଗିଲା ଚକ

ମୋରଡା,(ଡି.ଏନ.ଏ.)-ଅକ୍ଷୟ ତୃତୀୟା ଅବସରରେ ମଙ୍ଗଳବାର ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଚିତ୍ରଡ଼ାରେ ଥିବା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାର ରଥ ପ୍ରସ୍ତୁତି ନିମନ୍ତେ ଅଖରେ ଚକ ଲଗାଯାଇଛି। ମନ୍ଦିର ପୂଜାରୀ ମଦନ ମୋହନ ପଣ୍ଡା ଓ ରଞ୍ଜନ ପଣ୍ଡା ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ଆଜ୍ଞାମାଳ ନେଇ ଅଖକୁ ପୂଜା କରିଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରତାପ ମହାନ୍ତ, ମନୋଜ ମହାନ୍ତ, ଡମ୍ବରୁଧର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଇଦ୍ ପାଳି ଫେରୁଥିବା ବେଳେ ଦୁର୍ଘଟଣା: ୨ ଯୁବକ ମୃତ

ଚାନ୍ଦବାଲି, ୩।୫ (ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ଥାନା କେନ୍ଦ୍ରାପଡ଼ା-ଚାନ୍ଦବାଲି ରାସ୍ତାର ତାରିଣୀ ଛକ ନିକଟରେ ମଙ୍ଗଳବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସ୍ଥାନୀୟ ମତୋ ମୁସ୍‌ଲିମ ସାହିର ସେକ୍ ଆସଲାମ ଓ ସେକ୍ ସକିଲ। ସୂଚନା ଅନୁଯାୟୀ, ସେମାନେ ଇଦ୍ ପାଳନ କରି କେନ୍ଦ୍ରାପଡ଼ାରୁ ରାତି ପ୍ରାୟ ୮ଟା ବେଳେ ଏକ ବାଇକ୍‌ରେ ମତୋକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ସନ୍ଦେହରେ ସ୍ଥାନୀୟ ଲୋକେ ଦୁଇଟି ହାଇୱାକୁ ଅଟକ ରଖିଥିଲେ। ଚାନ୍ଦବାଲି ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

ସିମୁଳିଆ, ୩।୫(ଡି.ଏନ.ଏ.)- ବାଲେଶ୍ୱର ଜିଲା ସିମୁଳିଆ ଥାନା କନ୍ହେଇବିନ୍ଧା ପଞ୍ଚାୟତ ଅଧୀନ କଇଁଶୀ ଆଦିବାସୀ ସାହିର ରାମ ମୁର୍ମୁ ତାଙ୍କ ସ୍ତ୍ରୀ ଦେଉଳା(୨୬)ଙ୍କୁ ପିଟି ହତ୍ୟା କରିଛନ୍ତି। ପୋଲିସ ମଙ୍ଗଳବାର ତାଙ୍କୁ ଗିରଫ କରିଛି । ଅପରପକ୍ଷେ ରାମଙ୍କ ସହିତ ଅନ୍ୟ କେହି ସହଯୋଗୀ ଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି । ଦେଉଳାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଓ ତାଙ୍କ ଯୌନାଙ୍ଗରୁ ପ୍ରବଳ ରକ୍ତସ୍ରାବ ଘଟଣାରେ ପୋଲିସ ଅଧିକ ତଦନ୍ତ କରୁଛି। ଗତ କିଛି ଦିନ ପୂର୍ବେ ଦେଉଳାଙ୍କୁ ଜଣେ ଲଘୁ ସମ୍ପ୍ରଦାୟର ଯୁବକ ନେଇଯିବା ଘଟଣାକୁ କେନ୍ଦ୍ରକରି ତାଙ୍କୁ ଗାଁରୁ ବାସନ୍ଦ କରାଯାଇଥିଲା। ଗତ ସୋମବାର ପଡୋଶୀ ଅଞ୍ଚଳର ଜଣେ ଯୁବକ ଦେଉଳାଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ । ତେବେ ଦେଉଳାଙ୍କର ସୋମବାର ମୃତ୍ୟୁ ହୋଇଥିଲେ ହେଁ ମଙ୍ଗଳବାର ପର୍ଯ୍ୟନ୍ତ କେହି ଜାଣି ପାରି ନ ଥିଲେ।

### ବଜ୍ରପାତରେ ଜଣେ ମୃତ, ଜଣେ ଗୁରୁତର

ବାଲିଆପାଳ/ବାଲେଶ୍ୱର ଅଫିସ/ଆନନ୍ଦପୁର, ୩।୫(ସ୍ୱ.ପ୍ର.)-ବାଲିଆପାଳ ଥାନା ଡଗରା ଗ୍ରାମରେ ମଙ୍ଗଳବାର ରାତି ୮ଟା ବେଳେ ବଜ୍ରପାତ ହୋଇ ଜଣଙ୍କର ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ପର୍ଶୁରାମ ଦାସ (୪୫)। ପର୍ଶୁରାମଙ୍କ ଡଗରା କଟି ଗୁମୁଟି ଛକରେ ଏକ ଦୋକାନ ରହିଛି। ମଙ୍ଗଳବାର ସନ୍ଧ୍ୟାରେ ପର୍ଶୁରାମ ଦୋକାନରେ ଥିବା ବେଳେ ହଠାତ୍ ବର୍ଷା ଆସିଥିଲା। ସେ ଦୋକାନ ବନ୍ଦ କରି ସାଇକେଲରେ ଘରକୁ ଫେରୁଥିବା ବେଳେ ବାଟରେ ବଜ୍ରପାତ ହୋଇଥିଲା। ସେ ଚେତାଶୂନ୍ୟ ହୋଇ ସାଇକେଲ ସହ ତଳେ ପଡ଼ିଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ମୋଚିନ୍ଦା ପଞ୍ଚାୟତର ସରଦାପୁର ଗ୍ରାମର ଜଣେ ମହିଳା ବଜ୍ରପାତରେ ଗୁରୁତର ହୋଇଛନ୍ତି। ଚାଷ ନାଇକ ଘର ଅଗଣାରେ ବସିଥିବା ସମୟରେ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇପଡିଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି।

### ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ

ଯୋଡ଼ା,୩।୫(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରର ଶାସ୍ତ୍ରୀନଗର ଠାରେ ଥିବା ତ୍ରିନାଥ ମନ୍ଦିରରେ ସୋମବାରଠାରୁ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଉଛି। ଉକ୍ତ ମନ୍ଦିର ଅଗଣା ଭିତରେ ଶନିଦେବଙ୍କ ଏକ ସୁନ୍ଦର ମନ୍ଦିର ନିର୍ମାଣ କରାଯାଇଛି। ଗତ ୨ରୁ ୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର କମିଟି ସଭାପତି ଗୋପାଳ ଚନ୍ଦ୍ର ସାହୁ ଓ ସମ୍ପାଦକ ବେଣୁଧର ବେହେରା ସୂଚନା ଦେଇଛନ୍ତି। ମଙ୍ଗଳବାର କଳସ ଯାତ୍ରା ଏବଂ ଶନି ଦେବଙ୍କ ନଗର ଭ୍ରମଣ , ସ୍ନାନ ଓ ଶୟନ କାର୍ଯ୍ୟକ୍ରମ କରାଯାଇଥିଲା। ବୁଧବାର ଶନି ଦେବଙ୍କ ପ୍ରାଣ ପ୍ରତିଷ୍ଠା ଓ ଯଜ୍ଞାଦି କର୍ମ କରାଯିବ। ଗୁରୁବାର ସୂର୍ଯ୍ୟ ପୂଜା, ଯଜ୍ଞାଦି ଆହୁତି କାର୍ଯ୍ୟକ୍ରମ ରହିଛି। ମନ୍ଦିର କମିଟି ପକ୍ଷରୁ ପୁରୀ ପୂଜକ ସୁଧାଂଶୁ କୁମାର ମିଶ୍ର, ଆଶିଷ କୁମାର ଆଚାର୍ଯ୍ୟ, ଜଗତସିଂହପୁରରୁ ଅନିରୁଦ୍ଧ ପଣ୍ଡା, କଟକରୁ ସୁଶାନ୍ତ ଆଚାର୍ଯ୍ୟ, ପ୍ରକାଶ କୁମାର ପତିଙ୍କୁ ଆମନ୍ତ୍ରିତ କରାଯାଇ କାର୍ଯ୍ୟକ୍ରମ କରାଯାଇଥିଲା। ମନ୍ଦିର କମିଟି ପକ୍ଷରୁ ଗୋପାଳ ଚନ୍ଦ୍ର ସାହୁ, ବେଣୁଧର ବେହେରା, ସଂଗ୍ରାମ ମଲ୍ଲୀକ, ବିଷ୍ଣୁଚରଣ ମଲ୍ଲୀକ କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷ ଭାବେ ରହି ପରିଚାଳନା କରିଥିଲେ।

# ଭାଙ୍ଗିଲା ମନ୍ଦିର ମୁଖଶାଳା, ଉଡ଼ିଗଲା ଛପର

## କାଳବୈଶାଖୀ

ପାଟଣା/ ଘସିପୁରା, ୩।୫ (ସ୍ୱ. ପ୍ର./ଡି.ଏନ.ଏ.):

କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ହୋଇ କ୍ଷୟକ୍ଷତି ଘଟିଛି। ପାଟଣା ବ୍ଲକ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ପବନ, ଘଡ଼ଘଡି ସହ କୁଆପଥର ବର୍ଷା ହୋଇ ରାଜନଗର ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ରାଜନଗରସ୍ଥିତ ପ୍ରାଚୀନ ଦଧିବାମନଜୀଉ ମନ୍ଦିର ମୁଖଶାଳା ସମ୍ମୁଖରେ ଥିବା ଏକ ବରଗଛ ଡାଳ ପଡିଯିବାରୁ ମୁଖଶାଳା ଭାଙ୍ଗି କ୍ଷତିଗ୍ରସ୍ତ ହୋଇଛି। ପବନ ଯୋଗୁ ମନ୍ଦିର ବାନା ଉଡିଯାଇଛି। ଗଛ ପଡ଼ି ଘରର ଛପର ଭାଙ୍ଗିବା ସହ ରାଜନଗର ଉଚ୍ଚ ବିଦ୍ୟାଳୟର ଆଜବେଷ୍ଟସ ଉଡିଯାଇଛି। ଏଥିସହ ରାଜନଗର ମଝି ସାହିର ଚନ୍ଦନ ନାଏକ ସୁମନ୍ତ ରଣା ଓ ଘନ ନାଏକଙ୍କ ଆଜବେଷ୍ଟସ ଘର ଉପରେ ଗଛ ଡାଳ ପଡିଯିବାରୁ ଆଜବେଷ୍ଟସ ଭାଙ୍ଗି ଚୁରମାର ହୋଇଛି। ସେହିଭଳି ରାଜନଗରରେ ଆସ୍ୱାୟର ସଙ୍ଗଠନ ତରଫରୁ ଡ୍ରପଆଉଟ୍‌ଙ୍କ ସକାଶେ ଚାଲିଥିବା ୧ ଶହ ସଂଖ୍ୟକ ଛାତ୍ରାବାସ ଓ ହାଇସ୍କୁଲ ଛପର ଉଡିଯାଇଛି। ଘଡ଼ ଘଡିସହ ପବନ ବର୍ଷା ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ପଡିଯିବା ଆଉ ଇନସ୍ୟୁଲେଟର ଫାଟିଯିବାରୁ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ସୃଷ୍ଟି ହୋଇଛି। ସେହିପରି ଆନନ୍ଦପୁର ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଘସିପୁରା ବ୍ଲକ ବିରଗୋବିନ୍ଦପୁର ପଞ୍ଚାୟତର ରଙ୍ଗମାଟିଆ, ହୁଡିତଳ ସାହି, ବିରଗୋବିନ୍ଦପୁର ଗ୍ରାମରେ ବ୍ୟାପକ କ୍ଷତି ହୋଇଛି। ଏହି ତିନୋଟି ଗ୍ରାମରେ ପାଖାପାଖି ୩୦ରୁ ଉର୍ଦ୍ଧ୍ୱ ଘରର ଚାଳଛପର ସହିତ ଆଜବେଷ୍ଟସ୍ ଉଡ଼ାଇନେଇଛି। ଘରେ ପାଣି ପଶିବା ସହିତ ଘରର ଅସବାବପତ୍ର ନଷ୍ଟ ହୋଇଯାଇଛି। କାଳବୈଶାଖୀ ପ୍ରଭାବରେ ଜନଜୀବନ ବହୁଳଭାବେ ପ୍ରଭାବିତ ହୋଇଥିବାବେଳେ ତୁରନ୍ତ ସରକାରୀ ସହାୟତା ପାଇଁ ଦାବି ହୋଇଛି। ସେହିଭଳି ଆନନ୍ଦପୁରର ବର୍ଷା ସାଙ୍ଗକୁ କୁଆପଥର ବର୍ଷା ହୋଇଛି।


କାଳବୈଶାଖୀରେ ଉଡିଯାଇଥିବା ଘର ଛପର।

# ଆରଡ଼ିରେ ଚନ୍ଦନଚାପ: ନାବକେଳି କଲେ ଚନ୍ଦ୍ରଶେଖର

ଆରଡ଼ି, ୩।୫ (ଡି.ଏନ.ଏ.)

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିରେ ବାବା ଆଖଣ୍ଡଳମଣିଙ୍କ ଚନ୍ଦନଚାପ ମଙ୍ଗଳବାର ସନ୍ଧ୍ୟାରେ ପବିତ୍ର ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଛି। ପ୍ରତିବର୍ଷ ଏହି ଚନ୍ଦନଚାପ ଅନୁଷ୍ଠିତ ହୋଇଥାଏ। କରୋନା ମହାମାରୀ ପାଇଁ ପୂର୍ବ ଦୁଇବର୍ଷ ଶିବଗଙ୍ଗା ପୁଷ୍କରିଣୀରେ ଚନ୍ଦନଚାପ ଦେଖିବାରୁ ଶ୍ରଦ୍ଧାଳୁମାନେ ବଞ୍ଚିତ ହୋଇଥିଲେ। ଚଳିତବର୍ଷ ଏଠାରେ ପୁନଃ ବାବାଙ୍କର ନାବକେଳି ପର୍ବ ଅନୁଷ୍ଠିତ ହେଉଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ଅପରାହ୍ନରେ ବାବାଙ୍କର ବଡ଼ସିଂହାର ବେଶ ପରେ ଚଳନ୍ତି ବିଗ୍ରହ ପ୍ରଭୁ ଚନ୍ଦ୍ରଶେଖରଙ୍କୁ ପୁଷ୍ପ ସୁସଜ୍ଜିତ ବିମାନରେ ପୁଷ୍କରିଣୀ ନିକଟରେ ଥିବା ମଣ୍ଡପକୁ ନିଆଯାଇଥିଲା। ସେଠାରେ ପୂଜାର୍ଚ୍ଚନା କରାଯାଇ ନାବରେ ଅବସ୍ଥାପନ କରାଯାଇଥିଲା। ଏହାପରେ ହରିବୋଲ ହୁଳହୁଳି ଧ୍ୱନିରେ ପ୍ରଭୁଙ୍କର ନାବକେଳି ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଚନ୍ଦନଚାପ ଉତ୍ସବ ୨୧ଦିନ ଧରି ଚାଲିବ ବୋଲି ସେବାୟତମାନେ ପ୍ରକାଶ କରିଛନ୍ତି।



# ‘ଇଦ୍’ରେ ସାମୂହିକ ନମାଜପାଠ

ବାଲେଶ୍ୱର ଅଫିସ, ୩।୫

ବାଲେଶ୍ୱର ଜିଲାରେ ମଙ୍ଗଳବାର ଭାଇଚାରାର ପର୍ବ ‘ଇଦ୍’ ପାଳନ କରାଯାଇଛି। ଏନେଇ ସହର ସମେତ ଜିଲାର ସମସ୍ତ ମସଜିଦ୍ ଚଳଚଞ୍ଚଳ ହୋଇ ଉଠିଛି। କରୋନା ସଂକ୍ରମଣଜନିତ କଟକଣା ପାଇଁ ଦୀର୍ଘ ଦୁଇବର୍ଷ ଧରି ମୁସଲମାନ ସମ୍ପ୍ରଦାୟର ପ୍ରମୁଖ ପର୍ବ ଇଦ୍-ଉଲ ଫିତର ପାଳନ ହୋଇପାରି ନ ଥିଲା। କୋଭିଡ୍ କଟକଣା ହଟିବା ପରେ ଏହି ପବିତ୍ର ପର୍ବ ସାର୍ବଜନୀନ ଭାବେ ପାଳିତ ହୋଇଯାଇଛି। ଇସଲାମ ଧର୍ମାବଲମ୍ବୀମାନେ ଦୀର୍ଘ ୧ ମାସର ଉପବାସ ବ୍ରତ ପାଳନ ପରେ ପବିତ୍ର ଇଦ-ଉଲ ଫିତର ଉତ୍ସବରେ ରୋଜା ଭାଙ୍ଗିଛନ୍ତି। ରୋଜା ଖୋଲିବା ପରେ ପରମ୍ପରା ଅନୁଯାୟୀ ମୁସଲମାନ ଭାଇମାନେ ଅନ୍ୟକୁ ଦାନ କରିଥିଲେ।

ସହରର ଦରଘା ମୈଦାନରେ ସକାଳୁ ମୁସଲମାନ ଭାଇମାନେ ସମୂହ ନମାଜପାଠ କରିବା ସହିତ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ଜହ୍ନ ଦେଖିବା ପରେ ଧର୍ମଗୁରୁମାନଙ୍କ ନିଷ୍ପତ୍ତିକ୍ରମେ ମଙ୍ଗଳବାର ପାଳିତ ହୋଇଥିଲା ଏହି ଇଦ୍-ଉଲ-ଫିତର ପର୍ବ। ସହରର ଦରଘା ମୈଦାନ, ଖ୍ୱାଜାବାଦ୍, ବାଲୁବଜାର, ପଠାନ୍ ମହଲା, ସୁନହଟ, ଖଲାସୀ ମହଲା, କାଦ୍ରି ମହଲା, ମଛୁଆସାହି, କସବା ମହଲା, ମାଣିଖମ୍ବ, ସୁଏଲପୁର, ମୋତିଗଞ୍ଜ, କଚେରିବଜାର, ଖପରାପଦା, ଅରଡ଼ବଜାର ସମେତ ସହର ଉପକଣ୍ଠ ବାଲିଆ, କଣ୍ଟାବଣିଆ, ସୋମନାଥପୁର, ଚଷାଖଣ୍ଡ ଆଦି ଅଞ୍ଚଳର ବିଭିନ୍ନ ମସଜିଦ୍‌ରେ ମୁସଲମାନ ଧର୍ମାବଲମ୍ବୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ସ୍ଥାନୀୟ ଦରଘା ମଇଦାନରେ ପହଞ୍ଚି ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଜିଲା ପୋଲିସର ବରିଷ୍ଠ ଅଧିକାରୀମାନେ ସହରର ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ପରିସ୍ଥିତି ଅନୁଧ୍ୟାନ କରିଥିଲେ।


ସମୂହ ନମାଜ ପାଠ କରାଯାଉଛି।

# ଦାନ, ଧର୍ମର ପର୍ବ ଇଦ୍

## ଏକାଠି ନମାଜ ପଢ଼ିଲେ, ଶୁଭେଚ୍ଛା ଜଣାଇଲେ


ଦୁଇ ଶିଶୁ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି।

ଭଦ୍ରକ ଅଫିସ, ୩।୫

ଭଦ୍ରକରେ ମଙ୍ଗଳବାର ଆନନ୍ଦ ଉଲ୍ଲାସର ସହ ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ପବିତ୍ର ରମଜାନ ମାସର ଉପବାସ ପରେ ଚାନ୍ଦ ଦର୍ଶନ କରି ଦାନ ଓ ଧର୍ମର ପର୍ବ ଇଦ୍ ପାଳନ କରାଯାଇଛି। କୋଭିଡ୍ କଟକଣା ଯୋଗୁ ଗତ ଦୁଇବର୍ଷ ଧରି ସମୂହ ନମାଜ ପାଠ ବନ୍ଦ କରାଯାଇଥିଲା। ମାତ୍ର ୫ଜଣଙ୍କୁ ନେଇ ଇଦ୍‌ଗାହଠାରେ ନମାଜ ପାଠ ହୋଇଥିଲା। ଚଳିତବର୍ଷ କଟକଣା ହଟାଯାଇଥିବାରୁ ଆଡ଼ମ୍ବରରେ ଏହି ପର୍ବ ପାଳିତ ହୋଇଛି। ପୂର୍ବାହ୍ନରେ ମୁସ୍‌ଲିମ ଧର୍ମାବଲମ୍ବୀମାନେ ଇଦ୍‌ଗାହଠାରେ ଏକାଠି ହୋଇ ନମାଜ ପାଠ କରି ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ସମୂହ ନମାଜ ପାଠ ଉତ୍ସବରେ ୫ ହଜାରରୁ ଉର୍ଦ୍ଧ୍ୱ ସାମିଲ ହୋଇଥିଲେ। ଭାଇଚାରାର ସହର ଭଦ୍ରକରେ ହିନ୍ଦୁ ଲୋକଙ୍କ ସହ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇ ଶୁଭେଚ୍ଛା ଜଣାଇଥିଲେ। ଇଦ୍‌ଗାହଠାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ବୋଲି ଏସ୍‌ପି ଚରଣ ସିଂ ମୀନା କହିଛନ୍ତି।

# ବଧୂହତ୍ୟା ଅଭିଯୋଗ

ଭୋଗରାଇ, ୩।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କମର୍ଦ୍ଦା ଥାନା ଦୁଡ଼ପଳ ଗ୍ରାମରେ ସୋମବାର ରାତିରେ ଜଣେ ବିବାହିତା ମହିଳାଙ୍କୁ ପରିବାର ଲୋକେ ହତ୍ୟା କରି ରଶି ଲଗାଇ ଦେଇଥିବା ମୃତା ମହିଳାଙ୍କ ବାପ ଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। କମର୍ଦ୍ଦା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ କରୁଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମୃତା ମହିଳାଙ୍କ ଘରେ ତଦନ୍ତ କରି ଫେରିଛି।

ଦୁଡ଼ପଳ ଗ୍ରାମର ଶିବଶଙ୍କର ସେଠୀ, ନାଙ୍ଗ୍ରାଇ ଗ୍ରାମର ଗୌରହରି ଜେନାଙ୍କ ଝିଅ ଶୋଭାରାଣୀଙ୍କୁ ୩ ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ୩ ବର୍ଷର ଜଣେ ଶିଶୁକନ୍ୟା ରହିଛି। ମୃତା ମହିଳାଙ୍କ ବାପା ଅଭିଯୋଗରେ ତାଙ୍କ ଝିଅଙ୍କୁ ବାରମ୍ବାର ସ୍ୱାମୀ ସହ ପରିବାର ଲୋକେ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେବା ସହିତ ପିଟାମରା କରିଥିବା ଦର୍ଶାଇଛନ୍ତି। ଝିଅଙ୍କୁ ମାରି ଘରେ ଫାଶୀ ଲଗାଇ ଟାଙ୍ଗି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମୃତା ମହିଳାଙ୍କ ଶାଶୁ, ଶ୍ୱଶୁର ବୋହୂ ନିଜେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା କହିଛନ୍ତି। କମର୍ଦ୍ଦା ପୋଲିସ ଶାଶୁ, ଶ୍ୱଶୁରଙ୍କୁ ଥାନାରେ ଅଟକ ରଖିଛି।

# ଧଉଳି, ଇଷ୍ଟକୋଷ୍ଟ ଟ୍ରେନ ନ ଅଟକିଲେ ଆନ୍ଦୋଳନ

ସିମୁଳିଆ, ୩।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ଖଇରା ନିର୍ବାଚନୀମଣ୍ଡଳୀ ମାର୍କୋଣା ରେଳଷ୍ଟେଶନରେ ପୁରୀରୁ ହାୱଡ଼ା ଯାଉଥିବା ଧଉଳି ଏକ୍ସପ୍ରେସ ଓ ହାୱଡ଼ାରୁ ହାଇଦ୍ରାବାଦ ଯାଉଥିବା ଇଷ୍ଟକୋଷ୍ଟ ଏକ୍ସପ୍ରେସ ରହଣି ଦାବିରେ ସିମୁଳିଆ-ଖଇରା ନାଗରିକ ମଞ୍ଚ ପକ୍ଷରୁ ଏକ ସଭା ଷ୍ଟେସନ ବଜାର ଲକ୍ଷ୍ମୀନାରାୟଣ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା । ନାଗରିକ ମଞ୍ଚର ବିଭିନ୍ନ କର୍ମକର୍ତ୍ତାଙ୍କ ସମେତ ବଜାର କମିଟି, ବରିଷ୍ଠ ନାଗରିକ ଓ ଜନସାଧାରଣ ଯୋଗ ଦେଇଥିଲେ । ଆସନ୍ତା ୧୦ଦିନ ମଧ୍ୟରେ ବିଭାଗୀୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସର୍ବସାଧାରଣଙ୍କ ସମ୍ମତିକ୍ରମେ ସ୍ଥିର ହୋଇଥିଲା।

ପୂର୍ବରୁ ବିଭିନ୍ନ ଲୋକାଲ ଟ୍ରେନ ସମେତ ଇଷ୍ଟକୋଷ୍ଟ ଓ ଧଉଳି ମାର୍କୋଣା ଷ୍ଟେଶନରେ ରହୁଥିଲା । ତେବେ କରୋନା ଆରମ୍ଭ ହେବା ପରେ କୋଭିଡ ସ୍ପେଶାଲ ନାମରେ କେତେକ ଟ୍ରେନ ଚଳାଚଳ କରିଥିଲା । ପରେ ଧଉଳି ଓ ଇଷ୍ଟକୋଷ୍ଟ ବିଭିନ୍ନ ଷ୍ଟେଶନରେ ରହୁଥିଲେ ହେଁ ମାର୍କୋଣା ଷ୍ଟେଶନରେ ରହୁନାହିଁ । ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେବା ଯୋଗୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ଯାତ୍ରୀ ମାନଙ୍କ ସୁବିଧାକୁ ପ୍ରାଧାନ୍ୟ ଦିଆ ନ ଗଲେ ରେଳ ଚଳାଚଳକୁ ବନ୍ଦ କରାଯିବା ପରି ନିଷ୍ପତ୍ତି ନିଆଯିବ ବୋଲି ମତପ୍ରକାଶ ପାଇଛି ।


ଏକ୍ସପ୍ରେସ ଟ୍ରେନ ରହଣି ଦାବିରେ ସଭା।

# ପ୍ରତିବାଦରେ ବିଭିନ୍ନ ସଙ୍ଗଠନର ଗଣଧାରଣା

## ନୀଳଗିରି ଉପଖଣ୍ଡ ଡାକ୍ତରଖାନାରେ ଅବ୍ୟବସ୍ଥା

ସଜନାଗଡ଼, ୩।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଡାକ୍ତରଖାନାରେ ବିଭିନ୍ନ ସମସ୍ୟା ଓ ଡାକ୍ତର ଅଭାବ ଯୋଗୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହାର ସ୍ଥାୟୀ ପ୍ରତିକାର ଦାବିରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ରକ୍ତଦାତା ସଂଘ ଓ ଅନ୍ୟାନ୍ୟ ଗଣସଙ୍ଗଠନ ପକ୍ଷରୁ ୧୨ଦଫା ଦାବିରେ ମଙ୍ଗଳବାର ପୂର୍ବାହ୍ନରେ ଗଣଧାରଣା ଦିଆଯାଇଥିଲା। ନୀଳଗିରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଓ ଏସ୍‌ଡିଏମ୍‌ଓ ସରୋଜିନୀ ପ୍ରଧାନ ଧାରଣାସ୍ଥଳକୁ ଆସି ଦାବିଗୁଡ଼ିକ ଆସନ୍ତା ୧ ମାସ ମଧ୍ୟରେ ପୂରଣ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ସ୍ଥଗିତ ରଖାଯାଇଛି। ରକ୍ତଦାତା ସଂଘ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ବେଆଇନ ମାଛ ଧରୁଥିବା ୪ ବୋଟ୍ ପୋଲିସ ଜିମା

## ମାଛ ପ୍ରଜନନ ଋତୁରେ କଟକଣା ଉଲ୍ଲଂଘନ ଅଭିଯୋଗ

ବାସୁଦେବପୁର, ୩।୫(ଡି.ଏନ.ଏ.)

ଏବେ ସମୁଦ୍ରରୁ ମାଛ ଧରିବା ଉପରେ କଟକଣା ଥିବାବେଳେ ସାମୁଦ୍ରିକ ମତ୍ସ୍ୟ ବିଭାଗ ଏନେଇ ମତ୍ସ୍ୟଜୀବୀଙ୍କୁ ପୂର୍ବରୁ ସଚେତନ ଓ ସତର୍କ କରାଇଥିଲା। କିନ୍ତୁ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଞ୍ଚଳରେ କେତେକ ବୋଟ୍ ମାଲିକ ଏହି ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରି ସମୁଦ୍ରରୁ ମାଛ ଧରୁଛନ୍ତି। ମତ୍ସ୍ୟଜୀବୀ ମହାସଂଘ ଆଇନ ଭଙ୍ଗ କରି ମାଛ ମାରୁଥିବା ୪ ବୋଟ୍‌କୁ ସମୁଦ୍ରରୁ ଧରି ମଙ୍ଗଳବାର ଚୁଡ଼ାମଣି ସାମୁଦ୍ରିକ ଥାନା ଜିମା ଦେଇଥିଲା। ଏହି ବୋଟ୍‌ଗୁଡ଼ିକରେ ଥିବା ୩୨ ମତ୍ସ୍ୟଜୀବୀଙ୍କୁ ପୋଲିସ ଜିମା ଦିଆଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଆଇନ ଉଲ୍ଲଂଘନ ନ କରିବାକୁ ତାଗିଦ୍ କରି ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିବା ସୂଚନା ମିଳିଛି।

ମାଛର ବଂଶବୃଦ୍ଧି ଓ ଉତ୍ପାଦନ ଅଧିକ କରାଯିବା ଲକ୍ଷ୍ୟରେ ଗଭୀର ସମୁଦ୍ରରେ ମାଛ ମାରିବା ନେଇ କଟକଣା ଲଗାଯାଇଛି। ପଡୁଆଁ ଓ କଷିଆ ଅଞ୍ଚଳର ୪ ବୋଟ୍ ସମୁଦ୍ରରେ ମାଛ ମାରୁଥିବା ଖବର ପାଇ ଚୁଡ଼ାମଣି ଟ୍ରଲର ମାଲିକ ସଂଘ, ରାଧାନାଥପୁର ଓ ଅଡ଼ୁଁଆ ମତ୍ସ୍ୟଜୀବୀ ସଂଘର କର୍ମକର୍ତ୍ତାମାନେ ମିଳିତ ଭାବେ ପହଞ୍ଚି ୪ ବୋଟ୍‌କୁ ଧରିଥିଲେ। ମାଛ ପ୍ରଜନନ ଋତୁରେ ମତ୍ସ୍ୟଜୀବୀମାନେ ଆଇନକୁ ସମ୍ମାନ ଜଣାଇ ସମୁଦ୍ରକୁ ଯାଉ ନ ଥିବାବେଳେ କେତେଜଣ ବ୍ୟକ୍ତିଗତ ମୁନାଫା ଓ ସ୍ୱାର୍ଥ ପାଇଁ ଆଇନ ଉଲ୍ଲଂଘନ କରି ମାଛ ମାରୁଥିବା ଅଭିଯୋଗ କରି ସଂଘ ଏହାକୁ ବିରୋଧ କରିଛି। କଟକଣା ଭାଙ୍ଗୁଥିବା ବୋଟ୍ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମତ୍ସ୍ୟଜୀବୀ ସଂଘ ପକ୍ଷରୁ ଦାବି କରାଯାଇଛି।

# ଏନ୍‌ଏଚ୍‌ଆର୍‌ସିରେ ପହଞ୍ଚିଲା ମାମଲା

## ଅଭିଭାବକଙ୍କୁ ଥାନାରେ ଅଟକ ଘଟଣା

**କେନ୍ଦୁଝର, ୩।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ସ୍କୁଲରେ ପଢୁଥିବା ଆଦିବାସୀ ପିଲାଙ୍କ ସମସ୍ୟାକୁ ନେଇ ଅଭିଯୋଗ କରିବାକୁ ଆସିଥିବା ଡିମିରିମୁଣ୍ଡା ଗ୍ରାମର ଅଭିଭାବକଙ୍କୁ ପୋଲିସ ଦ୍ୱାରା ଅଟକ ଘଟଣା ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପହଞ୍ଚିଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକଙ୍କ ଅଭିଯୋଗ କୁ ଗ୍ରହଣ କରି କମିଶନ ମଙ୍ଗଳବାର ଏକ ମାମଲା (ନଂ.୬୯୩୨/୨୦୨୨) ରୁଜୁ କରିଛନ୍ତି। ଏନେଇ କମିଶନ ମାନସିକ ଓ ଶାରୀରିକ ସ୍ତରରେ ନିର୍ଯାତିତ ହୋଇଥିବା ପିଡିତଙ୍କୁ ଦୁଇ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ଏହି ଅର୍ଥ ଦୋଷୀ ପୋଲିସ ଓ ଅନ୍ୟ ଅଧିକାରୀଙ୍କ ଠାରୁ ଆଦାୟ କରିବାକୁ କହିବାସହ ଚାରି ସପ୍ତାହ ମଧ୍ୟରେ ଏହାର ସୂଚନା କମିଶନ ନିକଟରେ ପ୍ରଦାନ କରିବାକୁ ଆଦେଶ କରିବାକୁ ସେ କମିଶନଙ୍କୁ ନିବେଦନ କରିଛନ୍ତି। ସେହିପରି ଏହି ଘଟଣାର କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ରିପୋର୍ଟ ତିନି ସପ୍ତାହ ମଧ୍ୟରେ କମିଶନଙ୍କୁ ଦେବା ପାଇଁ ଆଦେଶ କରିବାକୁ କମିଶନଙ୍କୁ ନିବେଦନ କରାଯାଇଛି।

ସୂଚନା ଯୋଗ୍ୟ, ସ୍କୁଲରେ ଶିକ୍ଷକ ସମସ୍ୟା ଯୋଗୁ ପାଠ ପଢା ବ୍ୟାହତ ହେବାରୁ ପିଲା ମାନେ ଅଭିଭାବକଙ୍କ ସହିତ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ। ତେବେ ଅଭିଯୋଗ ଶୁଣି ନ୍ୟାୟ ଦେବା ପରିବର୍ତ୍ତେ ପିଲାଙ୍କୁ କାହିଁକି ଆଣିଛ କହି ପୋଲିସ ଡକାଇ ଥାନାକୁ ନେଇ ପ୍ରାୟ ଚାରି ଘଣ୍ଟା ପରେ ଅଣ୍ଡର ଟେକିଂ ରଖି ଛାଡିଥିଲେ।



## ବଜ୍ରପାତରେ ୫ ଗୋରୁ ମୃତ

କୁଳିଅଣା, (ସ୍ୱ.ପ୍ର.)-ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ବଡ଼ ଜୁଣବଣି ଗ୍ରାମରେ ମଙ୍ଗଳବାର ବର୍ଷା ସାଙ୍ଗକୁ ଘଡ଼ଘଡ଼ି ଓ ବଜ୍ରପାତ ହୋଇଛି। ବଜ୍ରପାତରେ ୫ ଗୋରୁଙ୍କ ମୃତ୍ୟୁ ଘଟିଛି। ଉକ୍ତ ଗ୍ରାମର ଉପେନ୍ଦ୍ର ପ୍ରଧାନଙ୍କର ୨ ଓ ରୁଷନଲାଲ ବେହେରାଙ୍କର ୩ଟି ଗୋରୁଙ୍କ ଜୀବନ ଯାଇଛି। ଖବରପାଇ କୁଚେଇ ଆର୍‌ଆଇ ସୂର୍ଯ୍ୟପ୍ରଭା ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## ସଂକ୍ଷେପରେ

### ବଳଦେବଜୀଉଙ୍କ ରଥ ଅନୁକୂଳ

କେନ୍ଦୁଝର, ୩।୫(ଡି.ଏନ୍.ଏ.): କେନ୍ଦୁଝରର ରାଷ୍ଟ୍ରଦେବତା ବଳଦେବଜୀଉଙ୍କର ପବିତ୍ର ଘୋଷଯାତ୍ରା ଉପଲକ୍ଷେ ରଥ ଅନୁକୂଳ କାର୍ଯ୍ୟକ୍ରମ ଅକ୍ଷୟତୃତୀୟା ଦିନ ସମ୍ପନ୍ନ ହୋଇଛି। ବିଶ୍ୱର ସର୍ବବୃହତ୍ତ ଏକକ ରଥର ମାନ୍ୟତା ପାଇଥିବା କେନ୍ଦୁଝରର ନନ୍ଦିଘୋଷ ରଥ ନିର୍ମାଣ କାର୍ଯ୍ୟ ରଥ ମହାରଣା ଏବଂ ନୀଳମଣି ମହାରଣାଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି। ସ୍ୱତନ୍ତ୍ର ପୂଜା କାର୍ଯ୍ୟକ୍ରମରେ ମନ୍ଦିରର ବଡପଣ୍ଡା ରାଜକିଶୋର ପଣ୍ଡା ଓ ଅନ୍ୟ ସେବାୟତମାନେ ସହାୟତା କରିଥିଲେ। ସେହିପରି ଅକ୍ଷୟତୃତୀୟାଠାରୁ ପ୍ରଭୁଙ୍କର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଏକ ସ୍ୱତନ୍ତ୍ର ବିମାନରେ ପ୍ରଭୁ ମଧୁସୂଦନଙ୍କୁ ପୁରୁଣା ସହରର ମାଟିଆବନ୍ଧ ପୋଖରୀକୁ ନେଇ ରୀତିନୀତି ଅନୁଯାୟୀ ଚନ୍ଦନ ଖେଳ ଆରମ୍ଭ ହୋଇଛି। ପୂଜକ ସୁବ୍ରତ ତ୍ରିପାଠୀ, ସୁଜିତ୍ କୁମାର ଦାଶ, ସିଦ୍ଧେଶ୍ୱର ମିଶ୍ର,ଦେବଦତ୍ତ ପତି, ରାଜପୁରୋହିତ ପ୍ରସନ୍ନ କୁମାର ନନ୍ଦ, ବ୍ରହ୍ମା ଗଙ୍ଗାଧର ମିଶ୍ର ଓ ଅନ୍ୟ ସେବକଙ୍କ ସ୍ୱତନ୍ତ୍ର ପୂଜା ଉପଚାରରେ ଚନ୍ଦନ ଯାତ୍ରା ସମ୍ପନ୍ନ ହେଉଛି।

### ଇଦ୍ ପର୍ବ ପାଳିତ

ପାଟଣା/ଢେଙ୍କିକୋଟ, ୩।୫(ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟରେ ମଙ୍ଗଳବାର ପବିତ୍ର ରମଜାନ ମାସର ଶେଷରେ ମୁସଲମାନ ଭାଇ ଭଉଣୀ ମାନେ ମୁଖ୍ୟାଳୟ ମସଜିଦ ପରିସରରେ ଇଦ୍ ପର୍ବ ପାଳିଛନ୍ତି। ମୁସଲମାନ ଭାଇ ଭଉଣୀ ମାନେ ନମାଜ ପାଠ କରିବାପରେ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ଏହି ପର୍ବରେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ ସାମିଲ ହୋଇ ମୁସଲିମ ସମ୍ପ୍ରଦାୟର ଏହି ପବିତ୍ର ପର୍ବରେ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରସାନ୍ତ କୁମାର କୁମାର ଭଞ୍ଜଦେଓ , କାମାଲ ଆନସାରି, ଖୁରସିଦ ଆଲାମ ପ୍ରମୁଖଙ୍କ ସହ ମୁସଲମାନ ସମ୍ପ୍ରଦାୟର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

ସେହିପରି ଢେଙ୍କିକୋଟ ଏବଂ ସାନ୍ତରାପୁର ପଞ୍ଚାୟତର ଢେଙ୍କିକୋଟ ଓ ସାନ୍ତରାପୁର ମୁସଲମାନ ବସ୍ତି ବାସିନ୍ଦା ପବିତ୍ର ଇଦ୍-ଉଲ-ଫିତର ପର୍ବ ଧୁମଧାମରେ ପାଳନ କରିଛନ୍ତି । ସାନ୍ତରାପୁର ମୌଲବି ହାଫିଜ ଇରଫାନ କୋରାନ ପାଠ କରିଥିଲେ ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଛନ୍ତି। ଘସିପୁରା ନିର୍ବାଚନ ମଣ୍ଡଳିର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର ଏବଂ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଇଦ୍-ଉଲ୍-ଫିତର ପାଳିତ

ଭଣ୍ଡାରିପୋଖରୀ,୩।୫-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡର ମଢିଆଳି, ବାଲିପୋଖରୀ ପଞ୍ଚାୟତର ଜଗନ୍ନାଥପ୍ରସାଦ ଓ ରଣଜିତ ପଞ୍ଚାୟତର ମଞ୍ଜୁରୀଠାରେ ମଙ୍ଗଳବାର ଭାଇଚାରାର ପର୍ବ ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ପ୍ରାତଃରେ ମୁସଲମାନ ଭାଇମାନେ ରଙ୍ଗବେରଙ୍ଗର ପୋଷାକ ପିନ୍ଧି ମସ୍‌ଜିଦରେ ନମାଜପାଠ କରିବା ସହ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଆମ ପାଇଁ ଏହା ଖୁସିର ପର୍ବ। ଏହାକୁ ନିଷ୍ଠାର ସହ ପାଳନ କରିଥାଉ। ବନ୍ଧୁବାନ୍ଧବ ଘରକୁ ଉପହାର ନେଇଯିବା ସହ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରିଥାଉ। ସନ୍ଧ୍ୟାରେ ସମସ୍ତେ ମିଳିତ ହୋଇ ନମାଜ(ତରାବି) ପଢ଼ିଥାଉ ବୋଲି ମୀର ମଜବୁର ରହେମାନ, ମୀର ହନିଫ, ମୀର ସାମଲା ଓ ସେକ୍ ଆକ୍ରମ କହିଛନ୍ତି।

### ଡ୍ରାଇଭର ମହାସଂଘ ପକ୍ଷରୁ ରକ୍ତଦାନ ଶିବିର

ବୈଶିଙ୍ଗା,୩।୫(ଡି.ଏନ.ଏ.)-ଅଲ୍ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଶ୍ରମିକ ଦିବସ ପାଳନ ଅବସରରେ ମୟୂରଭଞ୍ଜ ଜିଲା ବୈଶିଙ୍ଗା କୃଷକ ବଜାର ଅତିଥି ଭବନଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ରକ୍ତଭଣ୍ଡାର କର୍ମଚାରୀଙ୍କ ସହଯୋଗରେ ଏହି ଶିବିରରେ ୬୧ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ସଂଘର ସାଧାରଣ ସମ୍ପାଦକ ଶତ୍ରୁଘ୍ନ ବେହେରା କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ବୈଶିଙ୍ଗା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ଜିଲା ପରିଷଦ ସଭ୍ୟ ସବିତା ଦାସ, ବୈଶିଙ୍ଗା ସରପଞ୍ଚ ସାବିତ୍ରୀ ମୁର୍ମୁ, କେନ୍ଦୁଆ ସରପଞ୍ଚ ମନମୋହନ ମାଝି, ବରିଷ୍ଠ ଯୁବ ସଙ୍ଗଠକ ବୃନ୍ଦାବନ ଦାସ, ଶୁଭ୍ରାଂଶୁ ଶେଖର ତିଆଡି, ଖବରଦାତା ରତନ ଦାଶ, ବିମଳେନ୍ଦୁ ମହାପାତ୍ର ଓ ଦୀପକ କୁମାର ସିଂହ ଯୋଗ ଦେଇଥିଲେ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର: ତିନି ରଥ ଅଖରେ ଲାଗିଲା ଚକ

ବାରିପଦା ଅଫିସ,୩।୫

ପବିତ୍ର ଅକ୍ଷୟ ତୃତୀୟା ତିଥିରେ ମଙ୍ଗଳବାର ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ହରିବଳଦେବଜୀଉଙ୍କ ଗୁଣ୍ଡିଚା ଯାତ୍ରା ନିମନ୍ତେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଅଖରେ ଚକଲାଗି କାର୍ଯ୍ୟ ସମ୍ପନ୍ନ ହୋଇଛି। ପାରମ୍ପାରିକ ରୀତି ଅନୁଯାୟୀ ମନ୍ଦିରରେ ଠାକୁରମାନଙ୍କର ଦୈନନ୍ଦିନ ନୀତି ସମ୍ପନ୍ନ ହେବା ସହ ଅପରାହ୍ନରେ ଦହି ପଖାଳ ଭୋଗ ଲାଗି ହୋଇଥିଲା । ସନ୍ଧ୍ୟା ଆଳତୀ ପରେ ମନ୍ଦିର ପରିଛା ଦୁର୍ଗା ଚରଣ ଜିତ୍ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଗ୍ରହଣ କରିବା ପରେ ଚନ୍ଦନ ଓ ସୁବାସିତ ଜଳ ସିଞ୍ଚନ କରିଥିଲେ। ଏହାପରେ ମନ୍ଦିରର ସେବାୟତଙ୍କ ଦ୍ୱାରା ମହାପ୍ରଭୁ ମଦନ ମୋହନ ଓ ବାସୁଦେବ(ବିଶ୍ୱକର୍ମା) ସହ ମାପଦଣ୍ଡକୁ ପହଣ୍ଡି ବିଜେରେ ବାହାରିଥିଲେ। ପ୍ରଥମେ ମହାପ୍ରଭୁ ମଦନ ମୋହନ ମନ୍ଦିରର ମେଘନାଦ ପାଚେରୀରେ ଥିବା ଚାହାଣି ମଣ୍ଡପ ସିଂହାସନରେ ବସି ରଥ ଖଳାକୁ ଦେଖିବା ପରେ ଠାକୁର ବିଶ୍ୱକର୍ମା ସହ ମାପଦଣ୍ଡ ରଥଖଳା ବିଜେ କରଥିଲେ। ମନ୍ଦିରର ମୁଖ୍ୟ ସେବାୟତ ଅରୁଣ କୁମାର ମିଶ୍ର ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଅଖରେ ଚକ ଲାଗି କାର୍ଯ୍ୟ ରୀତିନୀତି ଅନୁସାରେ ସମ୍ପାଦନ କରାଇବା ପରେ ବଳଭଦ୍ର ଓ ସୁଭଦ୍ରାଙ୍କ ଦର୍ପଦଳନ ରଥର ଅଖରେ ଚକଲାଗି କାର୍ଯ୍ୟ ସମ୍ପନ୍ନ ହୋଇଛି। ପରେ ରଥ ଖଳାରୁ ଠାକୁର ଓ ମାପଦଣ୍ଡ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତିନି ଠାକୁରଙ୍କ ସେବାୟତମାନେ କଂସା ଥାଳିଆରେ ଚନ୍ଦନ ଓ ଗାମୁଛା ନେଇ ବେଢ଼ା ପରିକ୍ରମା କରିଥିଲେ। ଚନ୍ଦନଯାତ୍ରା ହେଉଥିବା ହେମସାଗର ପୁଷ୍କରିଣୀ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବାରୁ ଏଥର ପାଣି ନାହିଁ। ଫଳରେ ମନ୍ଦିର ପ୍ରାଙ୍ଗଣରେ ଚଳନ୍ତି ଠାକୁର ମଦନ ମୋହନ, ଶ୍ରୀଦେବୀ ଓ ମାତା ଭୂଦେବୀ ଚନ୍ଦନଯାତ୍ରା ପାଇଁ ବିରାଜିଥିଲେ। ସ୍ନାନ ଶେଷ କରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିବା ପରେ ମନ୍ଦିରର ରୀତିନୀତି ଅନୁସାରେ ଚନ୍ଦନ ଯାତ୍ରା ପୂଜାର୍ଚ୍ଚନା ଆରମ୍ଭ ହୋଇଛି।

## ନୀଳଗିରିରେ ରଥ ଅନୁକୂଳ



ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ରରେ ରଥ ଅନୁକୂଳ କରାଯାଉଛି।

ସଜନାଗଡ଼, ୩।୫(ଡି.ଏନ.ଏ.)

ବୈଶାଖ ଶୁକ୍ଳ ତୃତୀୟା ଦିନ ଅକ୍ଷୟ ତୃତୀୟା ତିଥିରେ ଶ୍ରୀଜୀଉମାନଙ୍କର ରଥ ନିର୍ମାଣ ପାଇଁ ଅନୁକୂଳ କରାଯାଏ। ଏହି ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ବାଲେଶ୍ୱର ଜିଲା ନୀଳଗିରିରେ ମଙ୍ଗଳବାର ପୂର୍ବାହ୍ନରେ ନିରାଡ଼ମ୍ବର ଭାବେ ରଥ ଅନୁକୂଳ ଓ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ରଥଯାତ୍ରା ଉପଲକ୍ଷେ ରୀତିନୀତି ଅନୁଯାୟୀ କୁରାଢ଼ି ଲଗାଇ ବନଜାଗ ପଦ୍ଧତିରେ ଆଚାର୍ଯ୍ୟ ତଥା ପୁରୋହିତ ରଥନିର୍ମାଣ ପାଇଁ ଅଖରେ ଚକ ଲଗାଯାଇ ରଥ ନିର୍ମାଣ ପାଇଁ ଅନୁକୂଳ କରାଯାଇଛି। ଏହି ଅକ୍ଷୟ ତୃତୀୟାରେ ପ୍ରଥମେ ଠାକୁରଙ୍କ ଦ୍ୱାର ପିଠା, ଦେଉଳ ଶୋଧ, ମଙ୍ଗଳ ଆଳତୀ, ମଇଲମ, ଅବକାଶ ନୀତି, ସୂର୍ଯ୍ୟପୂଜା, ରସହୋମ, ଶତାଧୂପ, ଯାତ୍ରା ଭୋଗ, ନୀତି ପରେ ଆଜ୍ଞାମାଳ ନେଇ ମଦନମୋହନ, ଭୂଦେବୀ, ଶ୍ରୀଦେବୀ, ରାମକୃଷ୍ଣ ରଥଖଳାକୁ ଯାଇ ଚନ୍ଦନବୋଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ତିନି ଠାକୁରଙ୍କୁ ଚନ୍ଦନରେ ଲେପନ କରାଯାଇଥାଏ। ସକାଳ ଧୂପ ଓ ଦିନ ପହଡ଼ ପରେ ରାଜପରିବାର ପକ୍ଷରୁ ରାଜଗୁରୁ ରବୀନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଅଖରେ ଚକ ଲଗାଯାଇଥିଲା। ଏହି ଅବସରରେ ବ୍ରହ୍ମା ସରୋଜ କୁମାର ନନ୍ଦ, ପୂଜକ ହରିବନ୍ଧୁ କର, ପ୍ରିୟବ୍ରତ କର, ପୂଣ୍ୟଶ୍ଳୋକ ନନ୍ଦ, ଦେବେନ୍ଦ୍ର ନନ୍ଦ, ପ୍ରହରାଜ ହରିନାରାୟଣ ନନ୍ଦ, ଯୋଗେନ୍ଦ୍ର ନାରାୟଣ ମିଶ୍ର, ବିବେକାନନ୍ଦ କର, ରୂପେଶ ଶତପଥୀ, ସଞ୍ଜୀବ ଆଚାର୍ଯ୍ୟ, ଠାକୁର ମାହାଲର ସଦସ୍ୟ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ କୃଷକ ଦିବସ ସମାରୋହ



ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଅଖି ମୁଠି ଅନୁକୂଳ କରୁଛନ୍ତି।

ବାଲେଶ୍ୱର ଅଫିସ, ୩।୫

ବାଲେଶ୍ୱର ଜିଲା ରେମୁଣା ବ୍ଲକ ସେରଗଡ଼ସ୍ଥିତ ସରକାରୀ ବିହନ ଫାର୍ମଠାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମଙ୍ଗଳବାର ଜିଲାସ୍ତରୀୟ କୃଷକ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ପାରମ୍ପାରିକ ପୂଜାର୍ଚ୍ଚନା ପରେ ଅଖି ମୁଠି ଅନୁକୂଳ କରିଥିଲେ। ଏହା ପରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରି ମନ୍ତ୍ରୀ ପାଣିଗ୍ରାହୀ ଚାଷୀମାନଙ୍କର ମଙ୍ଗଳ ମନାସିଥିଲେ। କୃଷି କ୍ଷେତ୍ରରେ ଏବେ ରାଜ୍ୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଥିବା ସ୍ଥଳେ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ବାଲେଶ୍ୱର ଜିଲାକୁ ରାଜ୍ୟରେ ୧ନମ୍ବର କରିବାକୁ ସେ ଆହ୍ୱାନ ଦେଇଥିଲେ। ଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇଥିଲେ। ଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ନିରନ୍ତର ଉଦ୍ୟମ ଯୋଗୁ ଓଡ଼ିଶା ଏବେ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ହୋଇପାରିଥିବା କହିଥିଲେ। ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ରେମୁଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ କୃଷି ଓ କୃଷକ ସଶକ୍ତୀକରଣ ପାଇଁ ଯେଉଁସବୁ କାର୍ଯ୍ୟକ୍ରମ ଚାଲିଛି ତାହାକୁ କାର୍ଯ୍ୟକାରୀ କରିବା ଉପରେ ଜୋର୍ ଦେଇଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କୃଷିକ୍ଷେତ୍ରରେ ବାଲେଶ୍ୱର ଜିଲାରେ ଅନେକ ସମ୍ଭାବନା ରହିଥିବା ଏବଂ ଏହାର ପୂର୍ଣ୍ଣ ଉପଯୋଗ କରିବା ଉପରେ ଆଲୋଚନା କରିଥିଲେ। ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଜାତୀୟ ହାର ସହିତ ସମାନ ହେବାକୁ ହେଲେ ଆମ ସମସ୍ତଙ୍କୁ ନିରନ୍ତର ପ୍ରୟାସ କରିବାକୁ ପଡ଼ିବ ବୋଲି ସେ ମତ ରଖିଥିଲେ।

ପ୍ରାରମ୍ଭରେ ଜିଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ କିଶୋର ରାଉତ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳନର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କୃଷି ଜିଲା ଅଧିକାରୀ ବିରେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୯ ଜଗନ୍ନାଥ ମନ୍ଦିରରୁ ପଟିଦିଅଁ ଅଙ୍କନ ପାଇଁ ସ୍ୱୀକୃତି

ବାଲେଶ୍ୱର ଅଫିସ, ୩।୫

ବାଲେଶ୍ୱରୀ କଳାକେନ୍ଦ୍ର ଓ ନୋସି କଲଚରାଲ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ଓ ନିଆରା ଅଙ୍କନ ପରମ୍ପରାର ପଟିଦିଅଁ ଅଙ୍କନ ଉତ୍ସବ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆରମ୍ଭ ହୋଇଛି। ଚଳିତବର୍ଷ ଜିଲାର ୯ଟି ଜଗନ୍ନାଥ ମନ୍ଦିର ନୀଳଗିରି ଜଗନ୍ନାଥ ମନ୍ଦିର, ଶାସଙ୍ଗର ଜଗନ୍ନାଥ ମନ୍ଦିର, ମୋତିଗଞ୍ଜ ବାଣ୍ଠିଆ ଜଗନ୍ନାଥ ମନ୍ଦିର, ଜଳେଶ୍ୱର ଇସ୍କନ୍ ଶ୍ରୀଜଗନ୍ନାଥ ମନ୍ଦିର, ଜୟଦେବକସବାର ଜଗନ୍ନାଥ ମନ୍ଦିର, ମଙ୍ଗଳପୁର ଜଗନ୍ନାଥ ମନ୍ଦିର, ଦୁବଲାଗଡ଼ିର ପତିତପାବନ ଶ୍ରୀଜଗନ୍ନାଥ, ଗଣେଶ୍ୱରପୁରର କାଳିଆଛୁଆ ଶ୍ରୀଜଗନ୍ନାଥ ଓ ରେମୁଣା ଜଗନ୍ନାଥ ମନ୍ଦିରରୁ ପଟି ଦିଅଁ ଅଙ୍କନ ପାଇଁ ଯଥାବିଧି ସ୍ୱୀକୃତି ପ୍ରଦାନ କରାଯାଇଛି।

ରେମୁଣା ଗୋଲେଇ ନିକଟସ୍ଥ ମଙ୍ଗଳପୁର ଜଗନ୍ନାଥ ମନ୍ଦିରରେ ଶିଳ୍ପୀ କେଶୁଦାସ ଜଗନ୍ନାଥଙ୍କ ଅନନ୍ତ ନାରାୟଣ, ଅରୁଣ କୁମାର ବାରିକ ବଳଭଦ୍ରଙ୍କ ଅନନ୍ତ ବାସୁଦେବ ଓ ଦେବାଶିଷ ପତି ସୁଭଦ୍ରାଙ୍କ ଭୁବନେଶ୍ୱରୀ ପଟିଦିଅଁ ଆଙ୍କିବା ପାଇଁ ମନ୍ଦିରରୁ ବିଧିପୂର୍ବକ ଚିତ୍ରକର ସ୍ୱୀକୃତି ପ୍ରଦାନ ପାଇଛନ୍ତି। ମଙ୍ଗଳପୁର ଜଗନ୍ନାଥ ମନ୍ଦିରର ପୂଜକ ଜ୍ୟୋତିର୍ମୟ ପଣ୍ଡା, ମନ୍ଦିରର ମୁଖ୍ୟ ମନୋରଞ୍ଜନ ସାହୁ ତଥା ସହଯୋଗୀ ଚିତ୍ରଶିଳ୍ପୀ ଭବାନୀ ଶଙ୍କର ନାୟକ, ପପୁନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିବାବେଳେ ଦୁବଲାଗଡ଼ିର ପତିତପାବନ ଶ୍ରୀ ଜଗନ୍ନାଥଙ୍କର ପୂଜକ ଆରତୀ ଦାସ ଓ ଗଣେଶ୍ୱରପୁରର କାଳିଆଛୁଆ ଶ୍ରୀଜଗନ୍ନାଥଙ୍କର ପୂଜକ ହରେକୃଷ୍ଣ ବେହେରା ବିଧି ସମ୍ପାଦନ କରିଥିଲେ।



ପଟିଦିଅଁ ଅଙ୍କନ ପାଇଁ ସ୍ୱୀକୃତି ଦିଆଯାଉଛି।

ସେହିପରି ଆସନ୍ତା ଜୁନ୍ ୧୦ରୁ ୧୪ ତାରିଖ ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ୫ ଦିନ ବ୍ୟାପି ନୋସି ବିଜିନେସ ପାର୍କର ଉତ୍କଳା ଶିଳ୍ପଗ୍ରାମରେ ଏକ କଳାତ୍ମକ ତଥା ଆଧ୍ୟାତ୍ମିକ ପରିବେଶ ସହ ପଟ୍ଟଚିତ୍ରର ପ୍ରଦର୍ଶନୀ, କର୍ମଶାଳା, ପ୍ରତିଯୋଗିତା ଓ ଆଲୋଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପଟିଦିଅଁ ଅଙ୍କନ ଉତ୍ସବ ସମ୍ପନ୍ନ ହେବ ।

ଗତ ୨୦୧୫ରେ ଶ୍ରୀଜଗନ୍ନାଥଙ୍କ ନବକଳେବର ବର୍ଷ ବାମପଦାସ୍ଥ ନୋସି ବିଜନେସ୍ ପାର୍କସ୍ଥିତ ଉତ୍କଳା ଶିଳ୍ପଗ୍ରାମରେ ପଟଦିଅଁଅଙ୍କନଉତ୍ସବଆରମ୍ଭହୋଇଥିଲା।

## ନିଆଁରେ ପୋଡି ହୋଇ ମହିଳା ମୃତ

### ହତ୍ୟା ଅଭିଯୋଗ ଆଣିଲେ ଭାଇ

ଖଇରା, ୩।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ନନ୍ଦୋର ଗ୍ରାମର ମମତା ନିଆଁରେ ପୋଡି ହୋଇ ଗୁରୁତର ହେବା ପରେ ସୋମବାର କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଛନ୍ତି। ଭଉଣୀଙ୍କୁ ତାଙ୍କ ସ୍ୱାମୀ ଓ ଅନ୍ୟମାନେ ପୋଡି ମାରିଦେଇଥିବା ନେଇ ତାଙ୍କ ଭାଇ ରମାକାନ୍ତ ରାଉତ ଖଇରା ଥାନାରେ ଅଭିଯୋଗ କରିଛନ୍ତି । ବୋହୂ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ଶ୍ୱଶୁର ଘର ଲୋକେ କହିଛନ୍ତି । ମମତାଙ୍କ ଭାଇ ରମାକାନ୍ତଙ୍କ ଅଭିଯୋଗ ଅନୁଯାୟୀ, ୧୨ବର୍ଷ ପୂର୍ବେ ଭଉଣୀର ବିବାହ ହୋଇଥିଲା। ବିବାହର କିଛି ଦିନ ପରେ ସ୍ୱାମୀ ଓ ଅନ୍ୟମାନେ ଶାରିରୀକ ମାନସିକ ନିର୍ଯାତନା ଦେଇ ଆସୁଥିଲେ । ୨୭ତାରିଖରେ ଭଉଣୀ ପୋଡି ହୋଇ ଗୁରୁତର ହେବା ଘଟଣା ଜାଣି ଖଇରା ମେଡିକାଲକୁ ଯାଇଥିଲି। ତାଙ୍କ ଶରୀରର ୯୫ ଭାଗ ପୋଡିଯିବା ବିଷୟ ଡାକ୍ତରଙ୍କଠାରୁ ଜାଣି ପ୍ରଥମେ ଭଦ୍ରକ ଓ ପରେ ଚିକିତ୍ସା ପାଇଁ କଟକ ନେଇଥିଲେ।

## ସରକାରୀ ଯୋଜନାର ସୁଯୋଗ ନିଅନ୍ତୁ ଚାଷୀ



ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଅଖିମୁଠି ଅନୁକୂଳ କରୁଛନ୍ତି।

ଭଦ୍ରକ ଅଫିସ, ୩।୫

ଭଦ୍ରକ ଜିଲା କୃଷି ବିଭାଗ ପକ୍ଷରୁ ମଙ୍ଗଳବାର ଭଦ୍ରକ ବ୍ଲକର କଲେଇ ପଞ୍ଚାୟତ ବଳଭଦ୍ରପୁରଠାରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଷେତରେ ପୂଜା ବିଧି ପୂର୍ବକ ଅଖିମୁଠି ଅନୁକୂଳ କରି ହଳ ବୁଲାଇଥିଲେ। ବିଧାୟକଙ୍କ ସଭାପତିତ୍ୱରେ ବଳଭଦ୍ରପୁର ବଜାର ଛକରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲା ପରିଷଦ ସଦସ୍ୟ ମଳୟ ଜେନା, ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଭାରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରସାଦ କୁମାର ନାୟକ, ସହକାରୀ ନିର୍ଦ୍ଦେଶକ ଶ୍ରୀଧର ଦାସ, ବୈଜ୍ଞାନିକ ଅରବିନ୍ଦ ଦାସ, ଉମାଶଙ୍କର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟରେ କୃଷି ଓ କୃଷକ ଉନ୍ନତି ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନାର ଚାଷୀମାନେ ସୁଯୋଗ ନେଲେ ପ୍ରକୃତ ପ୍ରଗତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସରପଞ୍ଚ, ସମିତିସଭ୍ୟ, ସହ ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ପ୍ରାଣୀ ଚିକିତ୍ସାଧିକାରୀ ଓ କୃଷି ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ସ୍ଥାନ ନିରୂପଣ ନେଇ ମୁହାଁମୁହିଁ

ବାହାନଗା, ୩।୫(ଡି.ଏନ.ଏ.)

ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତ ଭଗତପୁର ଗ୍ରାମରେ ଏକ ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ନିର୍ମାଣ ସ୍ଥାନ ନିରୂପଣ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ବ୍ଲକ ଅଧିକାରୀ ଓ ଯନ୍ତ୍ରୀ ଶେଷରେ ଉଭୟପକ୍ଷଙ୍କୁ ସମୟ ଦେଇ ଫେରିଯାଇଛନ୍ତି।

ଭଗତପୁର ଗ୍ରାମରେ ୪ବର୍ଷ ହେଲାଣି ଏକ ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଅର୍ଥ ଆସିଥିଲେ ମଧ ସ୍ଥାନ ନିରୂପଣ ହୋଇ ନ ପାରିବାରୁ ଗୃହ ନିର୍ମାଣ ବନ୍ଦ ରହିଛି। ନୂତନ ସରପଞ୍ଚ ଦାୟିତ୍ୱ ନେବା ପରେ ଗ୍ରାମବାସୀଙ୍କୁ ସ୍ଥାନ ନିରୂପଣ କରିବାକୁ କହିଥିଲେ। ତେବେ ଗ୍ରାମର ଖୁଲାର ସାହିର ୧୯ନମ୍ବର ୱାର୍ଡରେ ଥିବା ହନୁମାନ ମନ୍ଦିର ନିକଟସ୍ଥ ରାମଚରିତ ମାନସ ପଡିଆରେ ଉପଯୁକ୍ତ ସରକାରୀ ଜମି ଥିବା ଦର୍ଶାଇ ଗ୍ରାମବାସୀ ପ୍ରଶାସନକୁ ଜଣାଇଥିଲେ। ପ୍ରଶାସନ ଜମିକୁ ତର୍ଜମା କରିବା ପରେ ଶନିବାର ବିଡିଓ ଗୌରାଙ୍ଗ ଘୋଷ, ବିଭାଗୀୟ କନିଷ୍ଠଯନ୍ତ୍ରୀ, ଅଙ୍ଗନୱାଡି କେନ୍ଦ୍ର କର୍ମୀ ଦୀପ୍‌ଜ୍ୟୋତି ପଣ୍ଡା ପ୍ରମୁଖ ଗ୍ରାମବାସୀଙ୍କ ଦ୍ୱାରା ସ୍ଥାନ ନିରୂପଣ ହୋଇଥିବା ସ୍ଥଳରେ ପହଞ୍ଚି ଲେଆଉଟ୍ ଦେବା ବେଳକୁ ପୂର୍ବତନ ୱାର୍ଡସଭ୍ୟ ତଥା ବର୍ତ୍ତମାନର ୱାର୍ଡସଭ୍ୟାଙ୍କ ସ୍ୱାମୀ ଉମେଶ ଧଳ ଓ ତାଙ୍କ ସମର୍ଥକ ଜଗନ୍ନାଥ ମହାଳିକ, ଜିତେନ୍ଦ୍ର ସ୍ୱାଇଁ, ଅଜୟ ପରିଡା, ରଞ୍ଜିତ ବେହେରା ପ୍ରମୁଖ ଏହାକୁ ବିରୋଧ କରିଥିଲେ। ଫଳରେ ବିପକ୍ଷ ଓ ସପକ୍ଷବାଦୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାଦେଖି ବିଡିଓ ଗୌରାଙ୍ଗ ଚନ୍ଦ୍ର ଘୋଷ ଉଭୟ ଗୋଷ୍ଠୀଙ୍କୁ ଗଣ୍ଡଗୋଳ ନ କରିବାକୁ କହିବା ସହିତ ସମୟ ଦେଇଥିଲେ। ଉକ୍ତ ସମୟ ମଧ୍ୟରେ ଯଦି ଉପଯୁକ୍ତ ସରକାରୀ ଜମି ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରି ନ ପାରିବେ ତେବେ ପୂର୍ବଚିହ୍ନିତ ରାମଚରିତ ମାନସ ପଡିଆରେ ଥିବା ସରକାରୀ ଜମିରେ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କରାଯିବ ବୋଲି କହି ପ୍ରଶାସନିକ ଅଧିକାରୀ ପଳାଇ ଯାଇଥିଲେ।

## ଅଖିମୁଠି ଅନୁକୂଳ କଲେ ଜିଲାପାଳ



ଜିଲାପାଳ ବିନୀତ ଭରଦ୍ୱାଜ ଅଖିମୁଠି ଅନୁକୂଳ କରୁଛନ୍ତି।

ବାରିପଦା ଅଫିସ,୩।୫

ମୟୂରଭଞ୍ଜ ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଅକ୍ଷୟ ତୃତୀୟ ଉପଲକ୍ଷେ ଜିଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ବାରିପଦା ବ୍ଲକ ଦାମୋଦରପୁର ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ବିନୀତ ଭରଦ୍ୱାଜ ଯୋଗଦେଇ ଅଖିମୁଠି ଅନୁକୂଳ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ କୃଷି ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ବ୍ଲକ କୃଷି ଅଧିକାରୀ ରବୀନ୍ଦ୍ର କୁମାର ଆଧେକ ଓ ସହକାରୀ କୃଷି ଅଧିକାରୀ ଯୁନମୟୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ରବୀନ୍ଦ୍ର ଖଟୁଆ ଉପସ୍ଥିତ ରହି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବିକାଶ ଦିଗରେ କୃଷି ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ସିମ୍ପର୍କରେ ଆଲୋକପାତ କରିଛନ୍ତି। ମୟୂରଭଞ୍ଜ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ କବିତା ମାଧ୍ୟମରେ ମାଟି ଓ ଜଳର ଉପାଦେୟତା ବ୍ୟାଖ୍ୟା କରିବା ସହିତ ଜଳବାୟୁ ପରିବର୍ତ୍ତିତ କୃଷି ଉପରେ କହିଛନ୍ତି। ସହକାରୀ କୃଷି ନିର୍ଦ୍ଦେଶକ ତଥା ଉପ ପ୍ରକଳ୍ପ ନିର୍ଦ୍ଦେଶକ(ଆତ୍ମା)ଡ.ମନୋଜ ଚାନ୍ଦ କୃଷକମାନଙ୍କୁ ସଚେତନ କରିଛନ୍ତି। ଏହି ଅବସରରେ ଓଏଆଇସିର ପକଳ୍ପ ମ୍ୟାନେଜର ପ୍ରଫୁଲ୍ଲ ବେହେରାଙ୍କ ଆୟୋଜିତ କୃଷି ଯନ୍ତ୍ରପାତି ଷ୍ଟଲକୁ ଅଧିକାରୀଗଣ ବୁଲି ଦେଖିବା ସହ ବିଭାଗ ଦ୍ୱାରା କୃଷିଯନ୍ତ୍ରପାତିକୁ ଚାଷୀ ଓ ଏସ୍ଏସ୍‌ଜିଙ୍କୁ ପ୍ରଦାନ କରିଛନ୍ତି ।

## କାଗଜପଟି ସାଉଁଟି ପୋଷୁଛନ୍ତି ପେଟ

ଚମ୍ପୁଆ, ୩।୫(ଡି.ଏନ.ଏ.)

ଯେଉଁ ବୟସରେ ସିଲଟ ଖଡିର ଆବଶ୍ୟକତା ସେହି ବୟସରେ ନାବାଳକମାନେ କାଗଜ ପଟି ସାଉଁଟି ପେଟ ପୋଷୁଥିବା ଜଣାଯାଇଛି। ଶୈଶବରେ ହସ ଖେଳ ସହିତ ବିଦ୍ୟାଳୟ ପାଠର ଆବଶ୍ୟକତା ରହିଥିବା ବେଳେ କୁନି କୁନି ହାତରେ ଅଳିଆ ଆବର୍ଜନା ମଧ୍ୟରୁ ପଟି ସାଉଁଟିବା ଏମାନଙ୍କର ନିତିଦିନିଆ କାମ ପାଲଟି ଗଲାଣି।

ସୂଚନା ଅନୁସାରେ ଚମ୍ପୁଆ ସଦର ମହକୁମାରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସକାଳ ଭୋର୍‌ରୁ ବଜାର ମଧ୍ୟରେ ଦୋକାନ ଗୁଡିକରୁ ବାହାରୁ ଥିବା ଅନାବଶ୍ୟକ ଆବର୍ଜନା ମଧ୍ୟରୁ ୨ ନାବାଳକ ପଟି ସାଉଁଟୁଛନ୍ତି। ଏମାନେ ସକାଳ ଓ ସନ୍ଧ୍ୟାରେ ଦୋକାନ ଗୁଡିକରୁ ବାହାରୁ ଥିବା ଛୋଟ ପଟିଠାରୁ ଆରମ୍ଭ କରି ବଡବଡ ପଟି ଗୁଡିକ ଏକାଠି କରି ମୁଣ୍ଡରେ ମୁଣ୍ଡେଇ ନେଇଥାନ୍ତି। ଏମାନଙ୍କ ପରିଚୟ ଓ ଘର କଉଠି ବୋଲି ପଚାରିଲେ କିଛି ଉତ୍ତର ଦେଉ ନ ଥିବା ବେଳେ ପଟି ଗୁଡିକୁ ୧୦ ରୁ ୧୨ ଟଙ୍କା କେଜି ଦରରେ ବିକ୍ରି କରୁଥିବା ଏବଂ ଦୈନିକ ୧୦ ରୁ ୧୫ କେଜି ପଟି ସକାଳୁ ଓ ସନ୍ଧ୍ୟା ବେଳେ ସଂଗ୍ରହ କରୁଥିବା ସୂଚନା ଦେଇଛନ୍ତି। ପଟି ଗୁଡିକୁ ଏକାଠି କରି ୩ ରୁ ୪ ଦିନରେ ଥରେ ବିକ୍ରି କରନ୍ତି ବୋଲି କହୁଥିବା ବେଳେ ଏମାନେ ଉଭୟ ଅଧାରୁ ପାଠ ଛାଡିଥିବା ଅନୁମାନ କରାଯାଉଛି। ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ଏହି ୨ ନାବାଳକ ସାମାଜିକ ସ୍ରୋତକୁ ଫେରି ପାରିବେ ବୋଲି ସ୍ଥାନୀୟ ଲୋକ ମତ ପୋଷଣ କରିଛନ୍ତି।



ଦୁଇ ନାବାଳକ ମୁଣ୍ଡରେ କାଗଜ ପଟି ବୋହିକି ନେଉଛନ୍ତି।

